ପ୍ରମେୟ
THE PRAMEYA
ଗୁରୁବାର
୯ ଫେବ୍ରୁଆରୀ ୨୦୧୭

୧୨ରେ ଆଇଆଇଟି ନବମ ପ୍ରତିଷ୍ଠା ଦିବସ

ମୁଖ୍ୟ ଅତିଥି ଭାବେ ଯୋଗ ଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୮।୨(ବ୍ୟୁରୋ): ଆସନ୍ତା ୧୨ ତାରିଖରେ ଭୁବନେଶ୍ୱର ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ର ନବମ ପ୍ରତିଷ୍ଠା ଦିବସ ପାଳିତ ହେବ। ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ଅଧୀନସ୍ଥ ବୈଷୟିକ ଶିକ୍ଷା ସଚିବ ଆର୍ ସୁବ୍ରମଣ୍ୟମ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଷ୍ଠା ଦିବସ ସ୍ମାରକୀ ବକ୍ତୃତା ଦେବେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ସ୍ୱାଗତ ଭାଷଣ ରଖିବେ ବୋଲି କୁଳସଚିବ ଡି ଗୁଣଶେକରନ୍ ସୂଚନା ଦେଇଛନ୍ତି।

ପ୍ରତିଷ୍ଠା ଦିବସ ପୂର୍ବଦିନ ୧୧ ତାରିଖରେ ଇନଷ୍ଟିଚ୍ୟୁଟ୍‌ରେ ସକ୍ଷମ-୨୦୧୭ ସଂରକ୍ଷଣ କ୍ଷମତା ମହୋତ୍ସବ ପାଳିତ ହେବ। ସେହି ଦିନ ଏକ ସାଇକେଲ୍ ର‍ୟାଲି ଆୟୋଜିତ ହେବ। ଯାହାକୁ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ପତାକା ଉଡ଼ାଇ ଆରମ୍ଭ କରିବେ। ପରେ ର‍ୟାଲି ଅତ୍ରଗୁଳବୁ ବାହାରି ସହର ପରିକ୍ରମା କରିବ। ତେବେ ଭାରତ ପେଟ୍ରୋଲିୟମ୍ ମନ୍ତ୍ରାଳୟ ଅଧୀନରେ ଥିବା ତିନ୍ତିନ୍ନ ପିଏସୟୁ(ରାଷ୍ଟ୍ରାୟତ୍ତ ଉଦ୍ୟୋଗ) ଏବଂ ପିସିଆର୍‌ଏ(ପେଟ୍ରୋଲିୟମ୍ କନଜରଭେସନ୍ ରିସର୍ଚ୍ଚ ଆସୋସିଏସନ୍) ଆଦି ସଙ୍ଗଠନର ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।